

୧୫ଶ ଅଧ୍ୟାୟ

# ଆମ ମାଟିର ନୃତ୍ୟ

0680CH15

ଆସ ଆମର ନୃତ୍ୟ ଯାତ୍ରା ଆରମ୍ଭ କରିବା ! ନିଜ ନୃତ୍ୟ ଘଣ୍ଟି ବଜାଇ ନୃତ୍ୟ ଦୁନିଆରେ ବୁଲିବାକୁ ପ୍ରସ୍ତୁତ ହୁଅ !

## ଆମ ମାଟିର ନୃତ୍ୟ: ସ୍ଥାନୀୟ ତାଳ ଏବଂ ଗତିବିଧିର ଅନୁସନ୍ଧାନ କରିବା

ଏହି ଅଧ୍ୟାୟଟି ଆମ ଦେଶକୁ ରଙ୍ଗମୟ ଏବଂ ଜୀବନ୍ତ କରୁଥିବା ମହାନ ନୃତ୍ୟ ରୂପକୁ ଆବିଷ୍କାର କରିବ ।

ସର୍ବ ପ୍ରଥମେ ତୁମ ଆଖପାଖରେ ଥିବା ନୃତ୍ୟ ରୂପ ଉପରେ ଆସ ଥରେ ନଜର ପକାଇବା ।

ଏହି କାର୍ଯ୍ୟକଳାପରେ, ତୁମେ ତୁମ ଅଞ୍ଚଳର ନୃତ୍ୟଗୁଡ଼ିକୁ ଆବିଷ୍କାର କରିବ । ପ୍ରସିଦ୍ଧ ପାରମ୍ପରିକ ଲୋକ ନୃତ୍ୟଠାରୁ ଆରମ୍ଭ କରି ସ୍ଥାନୀୟ ଉତ୍ସବର ଉର୍ଜାପୂର୍ଣ୍ଣ ତାଳ ପର୍ଯ୍ୟନ୍ତ, ଏହି ନୃତ୍ୟଗୁଡ଼ିକ ଆମ ସମାଜରେ ଗଭୀର ଭାବରେ ସ୍ଥାପିତ ।

ତୁମ ଅଞ୍ଚଳର ଆଧ୍ୟାତ୍ମିକତାକୁ ପ୍ରଦର୍ଶିତ କରୁଥିବା ନୃତ୍ୟ ରୂପଗୁଡ଼ିକୁ ଆବିଷ୍କାର କରିବାକୁ ପ୍ରସ୍ତୁତ ହୁଅ, ଏବଂ ନୃତ୍ୟ ପରିବେଶକୁ ତାଳ ଏବଂ ଆନନ୍ଦରେ ଜୀବନ୍ତ କର!

## କାର୍ଯ୍ୟକଳାପ 1: ଆଞ୍ଚଳିକ ନୃତ୍ୟ ଅନୁସନ୍ଧାନ କରିବା

ତୁମ ଅଞ୍ଚଳର ବିଭିନ୍ନ ଆଞ୍ଚଳିକ ନୃତ୍ୟର ନାମର ତାଲିକା ପ୍ରସ୍ତୁତ କର । ସାଙ୍ଗସାଥୀ, ଅଭିଭାବକ ଓ ଶିକ୍ଷକଙ୍କ ସହ ଏ ବିଷୟରେ ଆଲୋଚନା କର ।

କୌଣସି ଏକ ଆଞ୍ଚଳିକ ନୃତ୍ୟ ଚୟନ କର ଏବଂ ସ୍ଥାନୀୟ କଳାକାରମାନଙ୍କୁ ଭେଟିବା ପାଇଁ ଏକ କ୍ଷେତ୍ର ଭ୍ରମଣ ଆୟୋଜନ କର । ତୁମେ ସେମାନଙ୍କର ଭିଡିଓ ମଧ୍ୟ ଦେଖିପାରିବ ।

ସମ୍ଭବ ହେଲେ ସେମାନଙ୍କ ସହ ଏକ ଛୋଟ କର୍ମଶାଳା ଆୟୋଜନ କର ଏବଂ ସ୍ଥାନୀୟ ନୃତ୍ୟ ରୂପ ପଛର ଚିନ୍ତାଧାରା ଓ ଉଦ୍ଦେଶ୍ୟ ବିଷୟରେ ଜାଣ ।

ଏହି ନୃତ୍ୟର ମୁଦ୍ରା, ଇଙ୍ଗିତ ଏବଂ ସୁନ୍ଦର ଗତିବିଧିକୁ ଶିଖିବାକୁ ଚେଷ୍ଟା କର ।

ଏହି ଉପାୟରେ ତୁମେ ନିଜର ଆଞ୍ଚଳିକ ନୃତ୍ୟଶୈଳୀର ଏକ ରୋମାଞ୍ଚକର ଯାତ୍ରା କରିପାରିବ ।

© NCERT not to be republished


ଗୁଜୁରାଟର ଗର୍ବା ନୃତ୍ୟ


ତବଲା


ଢୋଲ


ଦାଣ୍ଡିଆ ବାଡ଼ି

ନୃତ୍ୟର ଚମତ୍କାର ଘୂର୍ଣ୍ଣନ, ସୁନ୍ଦର ମୋଡ଼, ଚମତ୍କାର ଗତିବିଧି, ସୁନ୍ଦର ପଦକ୍ଷେପ, ରଙ୍ଗୀନ ପୋଷାକ ଏବଂ ମର୍ମଭେଦୀ ଭାବନାକୁ ପର୍ଯ୍ୟବେକ୍ଷଣ କର ଯାହା ସକାରାତ୍ମକ ଶକ୍ତିର ଏକ ଗଣ୍ଠି ।

## ଉଦାହରଣ

କ୍ଷେତ୍ର ଅଧ୍ୟୟନ ସମୟରେ ନୃତ୍ୟ ଧାରା ପର୍ଯ୍ୟବେକ୍ଷଣ ରେକର୍ଡ କରିବାର ପଦ୍ଧତି। ।

## ଗୁଜୁରାଟର ଗର୍ବା ନୃତ୍ୟ

କ. ପରିଚୟ

ଏହି ନୃତ୍ୟ ନବରାତ୍ରି ପର୍ବ ସମୟରେ ପରିବେଷଣ କରାଯାଏ ଯେଉଁଠାରେ ଦେବୀ ଦୁର୍ଗାଙ୍କୁ ପୂଜା କରାଯାଏ। ଏହି ନୃତ୍ୟ ସଂସ୍କୃତି ଏବଂ ପରମ୍ପରାର ଏକ ଉତ୍ସବ ଏବଂ ସାମୁଦାୟିକ ଭାବନା ଏବଂ ଏକତାର ପ୍ରଦର୍ଶନ ।

ଖ. ନୃତ୍ୟର ବୈଶିଷ୍ଟ୍ୟ

- ଜୀବନ୍ତ ଏବଂ ଶକ୍ତିଶାଳୀ ଗତିବିଧି
- ଏକ ତାଳରେ ତାଳି ବଜାଇବା
- ସମକେନ୍ଦ୍ରିକ ବୃତ୍ତରେ ଗତି କରୁଥିବା ନର୍ତ୍ତକମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବୃତ୍ତାକାର ନମୁନା ।

ଗ. ସ୍ୱର ସଂଗତି

- ପାରମ୍ପରିକ ଲୋକସଙ୍ଗୀତ ।
- ଢୋଲ (ଡ୍ରମ୍), ତବଲା ଏବଂ ଦାଣ୍ଡିଆ ଷ୍ଟିକ୍ ଭଳି ବାଦ୍ୟଯନ୍ତ୍ର। ।

ଘ. ବେଶଭୂଷା

- ମହିଳାମାନଙ୍କ ପାଇଁ ଚନିୟା ଚୋଲି (ଘାଗରା) ।
- ପୁରୁଷଙ୍କ ପାଇଁ କେଡିୟୁ-କାଫ୍ନି(ଏକ ପ୍ରକାର ଧୋତି ଓ କୁର୍ତା)।

## ଅନ୍ୟାନ୍ୟ ନୃତ୍ୟ ରୂପର ଅନୁସନ୍ଧାନ

ଏଠାରେ, ତୁମେ ଆମ ଦେଶର ଅନ୍ୟ ଅଞ୍ଚଳର ସ୍ଥାନୀୟ ନୃତ୍ୟ ରୂପ ଅନୁସନ୍ଧାନ କରିବାକୁ ଯାଉଛ ।

ଏହି ନୃତ୍ୟ ଯାତ୍ରାରେ ଆପଣ ଗୋଟିଏ ସ୍ଥାନୀୟ ନୃତ୍ୟ ରୂପ ଶିଖିବା ପରିବର୍ତ୍ତେ ଅନ୍ୟ ନୃତ୍ୟ ରୂପକୁ ମଧ୍ୟ ଅନୁସନ୍ଧାନ କରିବ ।

## କାର୍ଯ୍ୟକଳାପ 2: ଅନ୍ୟାନ୍ୟ ନୃତ୍ୟ ରୂପର ଅନୁସନ୍ଧାନ

ବିଭିନ୍ନ ଆଞ୍ଚଳିକ ନୃତ୍ୟର ଭିଡିଓ ଦେଖ ।

ଚାଲ ପିଲେ. . . . ଏକାଠି ବସି ବିଭିନ୍ନ ଅଞ୍ଚଳର ନୃତ୍ୟ ସମ୍ପର୍କରେ ଆଲୋଚନା କରିବା ।

© NCERT not to be republished

| ରାଜ୍ୟ | ନୃତ୍ୟ ନାମ | ସ୍ୱର ସଂଗତି | ବେଶଭୂଷା | ନୃତ୍ୟର ଅବସର |
|---|---|---|---|---|
| କେରଳ | ଥିରୁୱତୀରା କାଳୀ: ମହିଳାମାନଙ୍କ ଦ୍ୱାରା ପରିବେଷଣ କରାଯାଏ । | ଏକ ଲୋକଗୀତରେ ସ୍ୱରସଂଗତି ସହ ସୁନ୍ଦର ତାଳି ମାଧ୍ୟମରେ ନୃତ୍ୟ ପରିବେଷଣ କରାଯାଏ । | ପାରମ୍ପାରିକ କେରଳ ଅଳଙ୍କାର ସହିତ ମୁଣ୍ଡୁ ଏବଂ ବସ୍ତିର ସରଳ କେରଳ ଶୈଳୀ ପୋଷାକ | ଧ୍ରୁବତିର, ଶିବରାତ୍ରି, ଓଣମ୍ ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀ ଅବସରରେ । |
| ଓଡ଼ିଶା | ଶୈଳ : ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପରିବେଷିତ । | ଢୋଲ (ବ୍ୟାରେଲ ଆକୃତିର ଡ୍ରମ୍), ନାଗରା (କେଟଲ୍ ଡ୍ରମ୍) ଏବଂ ବଂଶୀ। | ରଙ୍ଗୀନ ଶାଢ଼ୀ ଏବଂ ଧୋତି, ଆଦିବାସୀ ଅଳଙ୍କାର ଯେପରି ମାଳି, ଶାମୁକା ଏବଂ ଧାତୁ ଅଳଙ୍କାର । | କୃଷି ଋତୁର ପ୍ରାରମ୍ଭରେ ଚୈତ୍ର ପର୍ବ ଅବସରରେ । |
| କାଶ୍ମୀର | ରୌଫ୍ : ଏକ ଗୋଷ୍ଠୀରେ ମହିଳାମାନଙ୍କ ଦ୍ୱାରା ପରିବେଷଣ କରାଯାଏ । | ତୁମ୍ବାକ୍ନାରି (ଏକ ଛୋଟ କେଟଲି ଡ୍ରମ୍), ରବାବ (ଏକ ଷ୍ଟ୍ରିଙ୍ଗଡ୍ ଯନ୍ତ୍ର) ଏବଂ ହାର୍ମୋନିୟମ୍ । | ରଙ୍ଗୀନ ଏମ୍ବ୍ରୋଡେରୀ ପୋଷାକ ସହିତ କାଶ୍ମୀରୀ ପୋଷାକ ଫେରାନ (ଢିଲା, ଲମ୍ବା ପୋଷାକ), ଅଳଙ୍କାରରେ କାନଫୁଲ, ହାର ଏବଂ ଚୁଡ଼ି । | ଇଦ୍, ବୈଶାଖୀ ଏବଂ ନଭରୋଜ୍, ବିବାହ, ଫସଲ ଉତ୍ସବ ଏବଂ ଅନ୍ୟାନ୍ୟ ସାମାଜିକ ସମାବେଶର ଅବସରରେ ପରିବେଷଣ କରାଯାଏ । |

ଆମ ଦେଶର ରାଜ୍ୟଗୁଡ଼ିକର ନୃତ୍ୟଶୈଳୀର ତାଲିକା କର । ଏଠାରେ କିଛି ରାଜ୍ୟକୁ ଉଦାହରଣ ଭାବରେ ଦରଶାଯାଇଛି ।

ତୁମେ ବିଭିନ୍ନ ଅଞ୍ଚଳର ବିଭିନ୍ନ ନୃତ୍ୟ ରୂପର ସୂଚନାକୁ ଏକ ସାରଣୀ ରୂପରେ ସଜାଡ଼ି ପାରିବ କି । ଚମତ୍କାର ! ବହୁତ ଭଲ । ଆସ ଆମର ନୃତ୍ୟ ଯାତ୍ରାର ପରବର୍ତ୍ତୀ ସ୍ତରକୁ ଯିବା ।

© NCERT not to be republished

## ଆଞ୍ଚଳିକ ନୃତ୍ୟ ରୂପର ତୁଳନା

ତୁମ ନୃତ୍ୟ ଯାତ୍ରାରେ, ତୁମେ ଅନେକ ସ୍ଥାନୀୟ ନୃତ୍ୟ ରୂପ ଦେଖିଥିବ । ଉଚ୍ଚ ସ୍ତରକୁ ଯାଇ, ତୁମ ଅଞ୍ଚଳର ସ୍ଥାନୀୟ ନୃତ୍ୟ ରୂପଗୁଡ଼ିକୁ ଅନ୍ୟ ଅଞ୍ଚଳର ନୃତ୍ୟ ରୂପ ସହିତ ସାମ୍ୟ ବୈଷମ୍ୟକୁ ତୁଳନା କର ।

| ରାଜ୍ୟ | ନୃତ୍ୟର ନାମ | ସ୍ୱର ସଂଗତି | ବେଶଭୂଷା | ନୃତ୍ୟର ଅବସର |
|---|---|---|---|---|
| | | | | |
| | | | | |
| | | | | |

© NCERT not to be republished

# କାର୍ଯ୍ୟକଳାପ ୩: ଆଞ୍ଚଳିକ ନୃତ୍ୟ ରୂପର ତୁଳନା

ଧରାଯାଉ ତୁମେ ରାଜସ୍ଥାନର ଏବଂ ଏହାର ସ୍ଥାନୀୟ କାଲବେଲିଆ ନୃତ୍ୟ ବାଛ । ଏବେ, ଏହାକୁ ମେଘାଳୟର ନୋଙ୍ଗକ୍ରେମ୍ ନୃତ୍ୟ ନାମକ ଅନ୍ୟ ଏକ ସ୍ଥାନୀୟ ନୃତ୍ୟ ସହିତ ତୁଳନା କର ।.

## ନିମ୍ନରେ ଦର୍ଶାଯାଇଥିବା ପରି ଏକ ତୁଳନାତ୍ମକ ଚାର୍ଟ ସୃଷ୍ଟି କର -

| ନୃତ୍ୟ ରୂପ | କାଲବେଲିଆ | ନୋଙ୍ଗକ୍ରେମ୍ |
|---|---|---|
| |  |  |
| ରାଜ୍ୟ | ରାଜସ୍ଥାନ | ମେଘାଳୟ |
| ବେଶଭୂଷା | ମହିଳାମାନେ ଶରୀରର ଉପର ଭାଗର କପଡା (ଅଂରାଖି), ମୁଣ୍ଡର କପଡା (ଓଢ଼ଣୀ) ଏବଂ ଶରୀରର ତଳ ଭାଗରେ ଛୋଟ ଦର୍ପଣ ସହିତ କାରୁକାର୍ଯ୍ୟ ହୋଇଥିବା ପୋଷାକ (ଲେହେଙ୍ଗା) ପିନ୍ଧନ୍ତି । | ମହିଳାମାନେ ପାରମ୍ପରିକ ପୋଷାକ ପିନ୍ଧନ୍ତି ଯେତେବେଳେ ପୁରୁଷମାନେ ପ୍ରାୟତଃ ଖଣ୍ଡା ଏବଂ ଧଳା ଚମରୀ ଗାଈର କେଶ ଧରି ଉଜ୍ଜ୍ୱଳ ରଙ୍ଗରେ ସଜ୍ଜିତ ହୁଅନ୍ତି । |
| ଉଦ୍ଦେଶ୍ୟ | ରୀତିନୀତି ସହିତ ଜଡିତ, ପ୍ରାୟତଃ ପୌରାଣିକ କାହାଣୀକୁ ଚିତ୍ରଣ କରିଥାଏ । ହୋଲି ସମୟରେ ବିଶେଷ ନୃତ୍ୟ ପରିବେଷଣ କରାଯାଏ। | ପ୍ରଚୁର ଅମଳ ଏବଂ ଲୋକଙ୍କ ସମୃଦ୍ଧି ପାଇଁ ଶକ୍ତିଶାଳୀ ଦେବୀଙ୍କୁ ପ୍ରସନ୍ନ କରିବା ପାଇଁ ଶରତ ଋତୁରେ ପାଳନ କରାଯାଏ । |
| କଳାକାର | ମହିଳାଙ୍କ ନୃତ୍ୟ ଓ ପୁରୁଷଙ୍କ ଗୀତ । | ଉଭୟ ପୁରୁଷ ଓ ମହିଳା । |
| ସ୍ୱର ସଂଗତି | ପାରମ୍ପରିକ ଲୋକ ସଙ୍ଗୀତ ଏବଂ କାଠପବନ ବାଦ୍ୟଯନ୍ତ୍ର ପୁଙ୍ଗୀ, ମର୍କସନ ବାଦ୍ୟଯନ୍ତ୍ର ଡୁଫଲି, ବୀନ୍ ଏବଂ ଖଞ୍ଜିରା ସହିତ । | ଡ୍ରମ୍ ଏବଂ ପବନ ବାଦ୍ୟ ଯନ୍ତ୍ର ଟାଙ୍ଗମୁରୀ ସମେତ ପାରମ୍ପରିକ ସଙ୍ଗୀତ । |

© NCERT not to be republished

| ନୃତ୍ୟ ରୂପ | | |
|---|---|---|
| ରାଜ | | |
| ବେଶଭୂଷା | | |
| ଉଦ୍ଦେଶ୍ୟ | | |
| କଳାକାର | | |
| ସ୍ୱର ସଂଗତି | | |

© NCERT not to be republished

## କାର୍ଯ୍ୟକଳାପ ୪: ଆଞ୍ଚଳିକ ନୃତ୍ୟ ରୂପ ପରିପ୍ରେକ୍ଷୀରେ ପ୍ରକଳ୍ପ ପ୍ରସ୍ତୁତି

ତୁମକୁ କାର୍ଯ୍ୟକଳାପ ୧ ମନେ ଅଛି କି, ଯେଉଁଠାରେ ସ୍ଥାନୀୟ ନୃତ୍ୟ ପଦ୍ଧତି ଅଧ୍ୟୟନ ପାଇଁ ଏକ କ୍ଷେତ୍ର ଯାତ୍ରା କରାଯାଇଥିଲା ?

ସମ୍ବନ୍ଧିତ ଚିତ୍ର ଆଙ୍କି କିମ୍ବା ପେଷ୍ଟ କରି ସ୍ଥାନୀୟ ନୃତ୍ୟ ରୂପ ଉପରେ ଏକ ପ୍ରକଳ୍ପ ପ୍ରସ୍ତୁତ କର । ଏକ ଲୋକଗୀତ (ନୃତ୍ୟ ସହିତ ଜଡିତ) ବାଛ ଏବଂ ଏହାର ଏକ ବିରଣୀ ପ୍ରସ୍ତୁତ କର । ଏକ ନିର୍ଦ୍ଦିଷ୍ଟ ନୃତ୍ୟ ରୂପ ସହିତ ଜଡିତ ଅଳଙ୍କାରର ହାତ ତିଆରି କାରିଗରୀ ମଡେଲ୍ ପେଷ୍ଟ କର।

ଶେଷରେ, ସମସ୍ତ ଶିକ୍ଷକ ଏବଂ ବନ୍ଧୁମାନଙ୍କ ସମ୍ମୁଖରେ ତୁମ ପ୍ରକଳ୍ପ ଉପସ୍ଥାପନ କର ।



## କାର୍ଯ୍ୟକଳାପ ୫: ପ୍ରସିଦ୍ଧ ନୃତ୍ୟଶିଳ୍ପୀଙ୍କ ସମ୍ବନ୍ଧରେ ଟିପ୍ପଣୀ

ତୁମ ପସନ୍ଦର ପ୍ରସିଦ୍ଧ ଆଧୁନିକ ଭାରତୀୟ ନୃତ୍ୟଶିଳ୍ପୀମାନଙ୍କ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ । ସୃଜନଶୀଳ ଭାବରେ ଲେଖ ଏବଂ ଚିତ୍ର ଲଗାଅ । ଏହି କାର୍ଯ୍ୟକଳାପରେ ପ୍ରଖ୍ୟାତ ନୃତ୍ୟଶିଳ୍ପୀଙ୍କ ଗତିବିଧି, ମୁଦ୍ରା ଏବଂ ଇଙ୍ଗିତକୁ ଅନୁକରଣ କରିବାକୁ ଚେଷ୍ଟା କର ।

© NCERT not to be republished